# ତନାଘନା ପରେ ହାତରେ ଲାଗିଲା ତଥ୍ୟ

## ନିଖୋଜ ନାବାଳକଙ୍କୁ ବଳି ସନ୍ଦେହ ଘଟଣା



ମଙ୍ଗଳା କୋଠିରୁ ନିଖୋଜ ଥିବା ନାବାଳକ ସଞ୍ଜୀବ ବିଶ୍ୱାଳଙ୍କ ଗଳିତ ମୃତଦେହ ଜଙ୍ଗଲରୁ ମିଳିବା ପରେ ସାଧାରଣରେ ବଢ଼ିଛି ବଳି ସନ୍ଦେହ। ଏହାକୁ ନେଇ ଶୁକ୍ରବାର ୮ ଘଣ୍ଟାର ଆନ୍ଦୋଳନ, ରାସ୍ତାରୋକୋ ଓ ପୋଲିସ ଗାଡ଼ି ପୋଡ଼ି ସତ୍ତ୍ୱେ ସମ୍ପୂର୍ଣ୍ଣ ଶାନ୍ତ ପଡ଼ିନି ପରିସ୍ଥିତି। ଏବେ ବି ଗାଁ ଲୋକଙ୍କ ଭିତରେ ରହିଛି ତୀବ୍ର ଅସନ୍ତୋଷ। ଲାଗି ରହିଛି ଚାପା ଉତ୍ତେଜନା। ଏହାକୁ ଦେଖି ତଦନ୍ତରେ ପୂରା ଜୋର୍ ଲଗାଇଛି ଜିଲା ପୋଲିସ। ସ୍ୱତନ୍ତ୍ର ଟିମ୍ ଗଠନ ସହ ଚାଲିଛି ତନାଘନା। କିଶୋରନଗର ଥାନାରେ ଅଟକ ମହିଳା ପୂଜକ ଓ ପରିବାରର ୪ ଜଣଙ୍କୁ କରାଯାଉଛି ମାରାଥନ ପଚରାଉଚରା। ସନ୍ଧାନୀ କୁକୁର ସହାୟତାରେ ସଞ୍ଜୀବଙ୍କ ଗାଁ ସୁବର୍ଣ୍ଣପୁର, ଟୁସରସ୍ଥିତ ମଙ୍ଗଳାକୋଠି ଓ ମୃତଦେହ ମିଳିଥିବା ବାରେଣୀ ଜଙ୍ଗଲରେ ଦିନତମାମ କରାଯାଇଛି ତଦନ୍ତ। କିଛି ତଥ୍ୟ ବି ଲାଗିଛି ପୋଲିସ ହାତରେ। ହେଲେ ତଦନ୍ତରେ ବାଧା ଆଶଙ୍କା ଥିବାରୁ ମୁହଁ ଖୋଲୁନି ପୋଲିସ।

**ବଇଣ୍ଡା,୨୯।୭(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କିଆକଟା ଥାନା ବାସୁଦେବପୁର ପଞ୍ଚାୟତ ସୁବର୍ଣ୍ଣପୁର ଗ୍ରାମର ୭ମ ଶ୍ରେଣୀ ଛାତ୍ର ସଞ୍ଜୀବ ବିଶ୍ୱାଳ (୧୩)ଙ୍କ ଗଳିତ ମୃତଦେହ ନିଖୋଜର ୬ ଦିନ ପରେ ବାରେଣୀ ଜଙ୍ଗଲରୁ ଶୁକ୍ରବାର ମିଳିବା ପୋଲିସର ମୁଣ୍ଡବ୍ୟଥା ବଢ଼ାଇ ଦେଇଛି। ସଞ୍ଜୀବଙ୍କୁ ବଳି ଦିଆଯାଇଥିବା ଗ୍ରାମବାସୀ ସନ୍ଦେହ କରୁଥିବାରୁ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଅଧିଆ ପଡ଼ିଥିବା ସଞ୍ଜୀବଙ୍କୁ କିଏ ଓ କେଉଁ କାରଣରୁ ହତ୍ୟା କରି ଜଙ୍ଗଲରେ ଝୁଲାଇଦେଲା ତାହା ଉପରୁ ପରଦା ହଟାଇବାକୁ ଜିଲାର ବିଭିନ୍ନ ଥାନା ଅଧିକାରୀଙ୍କୁ ନେଇ ଗଠନ କରାଯାଇଥିବା ସ୍ୱତନ୍ତ୍ର ଟିମ୍ ଦିନରାତି ଉଦ୍ୟମ ଚଳାଇଛି।

ପ୍ରକାଶ ଯେ, ସଞ୍ଜୀବ ନିଖୋଜ ରହିବା ପରଠାରୁ ମଙ୍ଗଳା କୋଠିର ମହିଳା ପୂଜକ ରୀତାଞ୍ଜଳି ବାଘ ଓ ତାଙ୍କ ପରିବାର ସନ୍ଦେହ ଘେରରେ ରହିଛନ୍ତି। ଗତ ୨୩ ତାରିଖରେ ସଞ୍ଜୀବଙ୍କ ମା' ବାସନ୍ତୀ ଥାନାରେ ଏତଲା ଦେବା ପରେ ମଧ୍ୟ ପୋଲିସ ମହିଳା ପୂଜକଙ୍କୁ ଥାନାକୁ ଡାକି ପଚରାଉଚରା କରିଥିଲା। ହେଲେ



ସନ୍ଧାନୀ କୁକୁର ସହାୟତାରେ ପୋଲିସ ତଦନ୍ତ ଚଳାଇଛି।

- ତଦନ୍ତରେ ବାଧା ଆଶଙ୍କା ଥିବାରୁ ମୁହଁ ଖୋଲୁନି ପୋଲିସ
- ସନ୍ଧାନୀ କୁକୁରର ସହାୟତା ନେଲା ସ୍ୱତନ୍ତ୍ର ଟିମ୍
- କିଶୋରନଗର ଥାନାରେ ୪ ଅଟକଙ୍କୁ ପଚରାଉଚରା

କିଛି ସୁଫଳ ନ ମିଳିବାରୁ ତାଙ୍କୁ ଥାନାରୁ ଛାଡ଼ି ଦେଇଥିଲା। କିନ୍ତୁ ସଞ୍ଜୀବଙ୍କ ମୃତଦେହ ବାରେଣୀ ଜଙ୍ଗଲରୁ ଉଦ୍ଧାର ହେବା କ୍ଷଣି କିଆକଟା ଥାନା ଆଇଆଇସି ଆଶିଷ କୁମାର ସ୍ୱାଇଁ ମହିଳା ପୂଜକ ରୀତାଞ୍ଜଳିଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଥିଲେ। ପରେ ତାଙ୍କର ୩ ପୁଅ ଦିବ୍ୟରଞ୍ଜନ ବାଘ, ଜ୍ୟୋତିରଞ୍ଜନ ବାଘ, ସୌମ୍ୟରଞ୍ଜନ ବାଘଙ୍କୁ ଅଟକ ରଖାଯାଇଥିଲା। ତେବେ ଥାନା ଅଞ୍ଚଳରେ ଚାପା ଉତ୍ତେଜନା ଥିବାରୁ ସୁରକ୍ଷା ଦୃଷ୍ଟିରୁ ଏହି ସନ୍ଦିଗ୍ଧମାନଙ୍କୁ କିଶୋରନଗର ଥାନାକୁ ଅଣାଯାଇଛି। ଏଥିସହ ଘଟଣାର ଗୁରୁତ୍ୱକୁ ଦେଖି ଜିଲା ପୋଲିସ ପକ୍ଷରୁ ଅନୁଗୋଳ ଜିଲା ଅତିରିକ୍ତ ଏସ୍‌ପି ସତ୍ୟଜିତ ମିଶ୍ର, ସୁରେନ୍ଦ୍ର ରାୟଗୁରୁ, ଆଠମଲ୍ଲିକ ଏସ୍‌ଡିପିଓ ବାଳକୃଷ୍ଣ କଅଁର, ଆଠମଲ୍ଲିକ ଥାନା ଆଇଆଇସି ସୁମିତ୍ରା ପାତ୍ର, ହଣ୍ଡପା ଥାନା ଆଇଆଇସି ନମିତା ନାୟକ, କିଶୋରନଗର ଥାନା ଆଇଆଇସି ଲବ ବୋଡା, ଠାକୁରଗଡ଼ ଥାନା ଆଇଆଇସି ପ୍ରିୟବ୍ରତ ଦାସଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ସ୍ୱତନ୍ତ୍ର ଟିମ୍ ଅଧିକ ତଦନ୍ତ କରିବା ସହ ୪ ସନ୍ଦିଗ୍ଧଙ୍କୁ ପଚରାଉଚରା କରୁଛି। ଏଥିସହ ସନ୍ଧାନୀ କୁକୁରର ସହାୟତା ମଧ୍ୟ ନିଆଯାଇଛି। ଦିନତମାମ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳ, ମଙ୍ଗଳା କୋଠି ଓ ମୃତ ନାବାଳକଙ୍କ ଘରକୁ ଯାଇ ତଦନ୍ତ କରିଛି। ଅଟକ ୪ ସନ୍ଦିଗ୍ଧଙ୍କଠାରୁ କିଛି ସୂଚନା ମିଳିଥିବା ଜଣାପଡିଛି। ତେବେ ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କା ଥିବାରୁ ପୋଲିସ ଉକ୍ତ ତଥ୍ୟ ଗୋପନ ରଖିଛି। ଏ ସମ୍ପର୍କରେ ଏସ୍‌ଡିପିଓ କଅଁର କହିଛନ୍ତି, ମଙ୍ଗଳା କୋଠି ପୂଜା କରୁଥିବା ମହିଳାଙ୍କ ସହ ତାଙ୍କର ୩ପୁଅଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ଏହି ଘଟଣା ଉପରୁ କିପରି ପରଦା ହଟିବ ସେ ନେଇ ତଦନ୍ତ କରାଯାଉଛି। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଅଞ୍ଚଳବାସୀଙ୍କୁ ନିବେଦନ କରାଯାଉଛି।

## ରାତିଅଧରେ କିଶୋରନଗର ଥାନାରେ ଏସ୍‌ପି

**ଅନୁଗୋଳ,୨୯।୭**
**(ଅମିତ କୁମାର ସାମଲ)**




ଅନୁଗୋଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ଶୁକ୍ରବାର ରାତିଅଧରେ କିଶୋରନଗର ଥାନାରେ ପହଞ୍ଚି ଅଟକ ଥିବା ମଙ୍ଗଳା କୋଠିର ମହିଳା ପୂଜକ ଓ ତାଙ୍କ ପରିବାରର ମୋଟ ୪ ଜଣଙ୍କୁ ପଚରାଉଚରା କରିଛନ୍ତି। କେବେଠାରୁ ମଙ୍ଗଳା କୋଠିରେ ପୂଜାର୍ଚ୍ଚନା ଚାଲିଛି। ପୂଜାର୍ଚ୍ଚନା ପାଇଁ କେଉଁଠୁ ଲୋକ ଆସିଥାନ୍ତି। ସେଠାରେ ପୂର୍ବରୁ କେବେ ବଳି ଦିଆଯାଇଛି କି ନାହିଁ। ମହିଳା ପୂଜକଙ୍କ ସହ ମନ୍ଦିରକୁ କେଉଁମାନେ ଆତଯାତ କରିଥାନ୍ତି। ଘଟଣା ଦିନ କ'ଣ ସବୁ ସେଠାରେ ହୋଇଥିଲା। ପୂଜା ପାଠ ହୋଇଥିଲା କି ନାହିଁ। ତେବେ ନାବାଳକ ସେଠାରୁ ଉଭାନ ହେଲେ କିଭଳି। ତାଙ୍କୁ କିଏ ଅପହରଣ କରିଛି। କେଉଁ ପରିସ୍ଥିତିରେ ହତ୍ୟା କରାଯାଇଛି। ତାଙ୍କର ଏଥିରେ କେତେ ସମ୍ପୃକ୍ତି ରହିଛି ଆଦି ପ୍ରଶ୍ନକୁ ନେଇ ଏସ୍‌ପି ପଚରାଉଚରା କରିଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏପରି କି ଏହି ପଚରାଉଚରା ସମୟରେ ବହୁ ତଥ୍ୟ ମିଳିଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପୋଲିସ ପରବର୍ତ୍ତୀ କାର୍ଯ୍ୟପନ୍ଥା ଆପଣାଇବ ବୋଲି ଜଣାପଡ଼ିଛି।

## ମୃତଦେହର ଫୋରେନସିକ୍ ଟେଷ୍ଟ

**ଅନୁଗୋଳ,୨୯।୭(ଅମିତ କୁମାର ସାମଲ)**

ଅନୁଗୋଳ ଜିଲା କିଆକଟା ଥାନା ସୁବର୍ଣ୍ଣପୁର ଗ୍ରାମର ନାବାଳକ ସଞ୍ଜୀବ ବିଶ୍ୱାଳଙ୍କ ମୃତଦେହ ପରିଯାଇଛି। ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପହଞ୍ଚିବା ପରେ ଡାକ୍ତରମାନେ ଏହା ଦେଖିବାକୁ ପାଇଛନ୍ତି। ତେଣୁ ମଙ୍ଗଳାକୋଠିରେ ଅଧିଆ ପଡ଼ିଥିବା ୨୨ ତାରିଖ ରାତିରେ ହିଁ ନାବାଳକଙ୍କୁ ହତ୍ୟା କରାଯାଇଥିବାରୁ ତାଙ୍କ ଶରୀର ଏପରି ନଷ୍ଟ ହୋଇଯାଇଥିବା ଡାକ୍ତରମାନେ ଅନୁମାନ କରୁଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଓ ପୋଲିସର ତଦନ୍ତ ପରେ ଯାହା କିଛି ସ୍ପଷ୍ଟ ହେବ ବୋଲି କୁହାଯାଉଛି। ତେବେ ଏ ସମ୍ପର୍କରେ ଅଧିକ ତଦନ୍ତ ପାଇଁ ପୋଲିସକୁ ମୃତ ଶରୀରର କିଛି ଅଂଶ ଦିଆଯାଇଛି। ପୋଲିସ ତାହାକୁ କଟକ ବଡ ମେଡିକାଲର ଏଫ୍‌ଏମ୍‌ଟିକୁ ନେଇ ଫରେନସିକ ଟେଷ୍ଟ କରାଯାଇଛି। ଏହି ରିପୋର୍ଟ ପୋଲିସର ହସ୍ତଗତ ହେବା ପରେ ହତ୍ୟା ରହସ୍ୟ ଉପରୁ ପରଦା ଉଠିବ ବୋଲି ଜଣାପଡ଼ିଛି।

## କିଆକଟା ଅଞ୍ଚଳରେ ବଳି ଭୟ

**ମାଧପୁର,୨୯।୭**
**(ମନୋଜ ପ୍ରଧାନ)**

ଆଠମଲ୍ଲିକ ବ୍ଲକ କିଆକଟା ଥାନା ସୁବର୍ଣ୍ଣପୁର ଗ୍ରାମର ନାବାଳକ ସଞ୍ଜୀବ ବିଶ୍ୱାଳଙ୍କୁ ଟୁସରସ୍ଥିତ ମଙ୍ଗଳା କୋଠିରୁ ଅଣାଯାଇ ବଳି ଦିଆଯାଇଥିବା ସନ୍ଦେହ ବଢ଼ିବା ପରେ ଏହାକୁ ନେଇ ଅଞ୍ଚଳର ଅନେକ ଅଭିଭାବକ ଭୟଭୀତ ହୋଇପଡ଼ିଛନ୍ତି। ସେମାନେ ନିଜ ପିଲାଙ୍କୁ ବାହାରକୁ ଛାଡ଼ିବାକୁ ଭୟ କରୁଥିବା କହିଛନ୍ତି। ତନ୍ତ୍ର ସାଧନା କରୁଥିବା ଲୋକଙ୍କ ନଜର କେତେବେଳେ କାହା ଉପରେ ପଡ଼ିବ ସେ ନେଇ ସେମାନେ ଆତଙ୍କିତ ଅବସ୍ଥାରେ ଥିବାରୁ ପୋଲିସ ଏ ଦିଗରେ ଅଧିକ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି।



ଟୁସର ଗାଁରେ ଥିବା ବିବାଦୀୟ ମଙ୍ଗଳା କୋଠି। ଏହି କୋଠିରେ ହିଁ ନାବାଳକ ସଞ୍ଜୀବ ଶୋଇଥିବା ବେଳେ ନିଖୋଜ ହୋଇଯାଇଥିଲେ।

## 'ହତ୍ୟାକାରୀଙ୍କୁ ଫାଶୀ ଦିଆଯାଉ'

**ବଇଣ୍ଡା,୨୯।୭(ପରିକ୍ଷିତ ସାହୁ)**

୨୦୧୨ ମସିହାରେ ସ୍ୱାମୀ ନରି ବିଶ୍ୱାଳଙ୍କୁ ହରାଇଥିବା ଆଠମଲ୍ଲିକ ବ୍ଲକ ସୁବର୍ଣ୍ଣପୁରର ବାସନ୍ତୀ ବିଶ୍ୱାଳ ଏବେ ନାବାଳକ ପୁଅ ସଞ୍ଜୀବଙ୍କ ମୃତ୍ୟୁ ପରେ ଯେପରି ସ୍ତବ୍ଧ ହୋଇଯାଇଛନ୍ତି। ୨ ଦିନ ହେଲା ତାଙ୍କ ଆଖିରୁ ଅଶ୍ରୁ ଶୁଖୁନାହିଁ। ପୁଅ ନିଖୋଜ ପରେ ସେ ତୁରନ୍ତ କିଆକଟା ଥାନାର ଦ୍ୱାରସ୍ଥ ହୋଇଥିଲେ। ଏକମାତ୍ର ପୁଅକୁ ଖୋଜି ଆଣିବାକୁ ଥାନା ବାବୁଙ୍କୁ କାକୁତିମିନତି ହୋଇଥିଲେ। କାଳେ କିଛି ଅଘଟଣ ଘଟିଯିବ ସେହି ଆଶଙ୍କାରେ ସେ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ। ହେଲେ ପୋଲିସ ତାଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ନେଲା ନାହିଁ। ପୁଅର ଦେହ ଭଲ କରିଦେବାକୁ ମଙ୍ଗଳା କୋଠିର ମହିଳା ପୂଜକ ରୀତାଞ୍ଜଳି ବାଘ ତାଙ୍କଠାରୁ ୫୦ ହଜାର ଟଙ୍କା ନେଇଥିଲେ। ପୂଜା ପାଇଁ ୨ଟି ବୋଦା ମଧ୍ୟ ନେଇଥିଲେ। ପୁଅକୁ ମଙ୍ଗଳା କୋଠିରେ ଶୁଆଇବା ପାଇଁ ପରାମର୍ଶ ଦେଇଥିଲେ। ହେଲେ ପୁଅକୁ ଅପହରଣ କରିନେଇ ବଳି ପକାଇ ମାରି ଦିଆଯାଇଥିବା ବାସନ୍ତୀ ଅଭିଯୋଗ କରିଛନ୍ତି। ତାଙ୍କ ପୁଅକୁ ଯେଉଁମାନେ ମାରିଛନ୍ତି ସେମାନଙ୍କୁ ଫାଶୀ ଦିଆଯାଉ ବୋଲି ବାସନ୍ତୀ ଅନୁରୋଧ କରିଛନ୍ତି।



ମୃତ ନାବାଳକ ସଞ୍ଜୀବଙ୍କ ମା' ବାସନ୍ତୀ ବିଶ୍ୱାଳ।

## ମୃତକଙ୍କ ପରିବାରକୁ ଭେଟିଲା ପ୍ରଶାସନ

**ବଇଣ୍ଡା,(ପରିକ୍ଷିତ ସାହୁ)/**
**ମାଧପୁର,୨୯।୭(ମନୋଜ ପ୍ରଧାନ)**

ଆଠମଲ୍ଲିକ ବ୍ଲକ ସୁବର୍ଣ୍ଣପୁର ଗ୍ରାମର ନାବାଳକ ସଞ୍ଜୀବ ବିଶ୍ୱାଳଙ୍କୁ ବଳି ଦିଆଯାଇଥିବା ସନ୍ଦେହ କରି ଶୁକ୍ରବାର ଅଞ୍ଚଳରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଏହି ଘଟଣା ପରେ ଶନିବାର ଆଠମଲ୍ଲିକ ପ୍ରଶାସନର ଅଧିକାରୀମାନେ ସୁବର୍ଣ୍ଣପୁର ଗ୍ରାମକୁ ଯାଇ ମୃତକଙ୍କ ପରିବାରକୁ ଭେଟିଛନ୍ତି। ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନା, ଆଠମଲ୍ଲିକ ତହସିଲଦାର ଯଶୋବନ୍ତ ଦେହୁରୀ, ଆଠମଲ୍ଲିକ ବିଡିଓ ସୌଭାଗ୍ୟ ରଞ୍ଜନ ବେହେରା, ସିଡିପିଓ ତରଙ୍ଗିନୀ ମିର୍ଦ୍ଧା ପ୍ରମୁଖ ସଞ୍ଜୀବଙ୍କ ମା' ବାସନ୍ତୀ ବିଶ୍ୱାଳଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଏଥିସହିତ ଅନ୍ଧ ବିଶ୍ୱାସଠାରୁ ଦୂରେଇ ରହିବାକୁ ସ୍ଥାନୀୟ ଅଞ୍ଚଳବାସୀ ଓ ବାସନ୍ତୀଙ୍କ ପରିବାରକୁ ପରାମର୍ଶ ଦେଇଛନ୍ତି। ଆଇନ ଉପରେ ଭରସା କରିବା ସହ ଆଇନ ହାତକୁ ନ ନେବାକୁ କହିଛନ୍ତି। ମୃତକଙ୍କ ପରିବାରକୁ କିଭଳି ନ୍ୟାୟ ମିଳିବ ସେ ଦିଗରେ ପ୍ରଶାସନ ଅଧିକ ଧ୍ୟାନ ଦେବ ବୋଲି ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି।



ପ୍ରଶାସନିକ ଅଧିକାରୀମାନେ ମୃତକଙ୍କ ପରିବାରକୁ ଭେଟୁଛନ୍ତି।

## ଅଞ୍ଚଳବାସୀଙ୍କ ୬ ଦଫା ଦାବିପତ୍ର

**ବଇଣ୍ଡା,୨୯।୭(ପରିକ୍ଷିତ ସାହୁ)**

କିଆକଟା ପୋଲିସର ଅବହେଳା ଯୋଗୁ ନାବାଳକ ସଞ୍ଜୀବ ବିଶ୍ୱାଳଙ୍କୁ ବଳି ଦିଆଯାଇଛି। ଅଞ୍ଚଳବାସୀ ଏପରିଅଭିଯୋଗ କରିବା ସହ କିଆକଟା ଆଇଆଇସିଙ୍କୁ ତୁରନ୍ତ ବଦଳି କରିବାକୁ ଶନିବାର ଉପଖଣ୍ଡ ପ୍ରଶାସନକୁ ଦାବିପତ୍ର ଦେଇଛନ୍ତି। ଏହି ୬ ଦଫା ଦାବିପତ୍ର ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନାଙ୍କୁ ପ୍ରଦାନ କରାଯାଇଥିବା ବେଳେ ଦାବି ଶୀଘ୍ର ପୂରଣ କରା ନ ଗଲେ ବଡଧରଣର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ୫ ପ୍ଲାଟୁନ ଫୋର୍ସ ମୁତୟନ

**ମାଧପୁର,୨୯।୭(ମନୋଜ ପ୍ରଧାନ)**

ଗତ ୨୨ ତାରିଖରୁ ନିଖୋଜ ଥିବା ସୁବର୍ଣ୍ଣପୁର ଗ୍ରାମର ନାବାଳକ ସଞ୍ଜୀବ ବିଶ୍ୱାଳଙ୍କ ମୃତଦେହ ଶୁକ୍ରବାର ବାରେଣୀ ଜଙ୍ଗଲରୁ ମିଳିବା ପରେ ଗ୍ରାମରେ ଉତ୍ତେଜନା ଲାଗି ରହିଛି। ତେଣୁ ଚାପା ଉତ୍ତେଜନା ଲାଗି ରହିଥିବାରୁ ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। କିଆକଟା ଥାନା ଅଞ୍ଚଳରେ ୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।

## ସରକାରୀ ସହାୟତା ଯୋଗାଇ ଦିଆଯିବ

**ବଇଣ୍ଡା,(ପରିକ୍ଷିତ ସାହୁ)/**
**ମାଧପୁର,୨୯।୭(ମନୋଜ ପ୍ରଧାନ)**

କିଆକଟା ଥାନା ସୁବର୍ଣ୍ଣପୁର ଗ୍ରାମର ମୃତ ନାବାଳକ ସଞ୍ଜୀବ ବିଶ୍ୱାଳଙ୍କ ମା' ବାସନ୍ତୀ ବିଶ୍ୱାଳଙ୍କ ପରିବାରକୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବ। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଶନିବାର ମୃତକଙ୍କ ପରିବାରକୁ ଭେଟି ଏହି ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକ ସାଏ ବାସନ୍ତୀଙ୍କୁ ସମବେଦନା ଜଣାଇବା ସହ ଦୋଷୀଙ୍କୁ କିଭଳି କଠୋର ଦଣ୍ଡ ମିଳିବ ସେ ନେଇ ଜିଲା ପୋଲିସ ପ୍ରଶାସନକୁ ଅବଗତ କରାଇବେ ବୋଲି ବିଧାୟକ କହିଛନ୍ତି। ଏଥିସହ ୧୦ ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ସେହିପରି ତଦନ୍ତରେ ଅବହେଳା କରିଥିବା ପୋଲିସ ବିରୋଧରେ ତଦନ୍ତ କରିବା ପାଇଁ ପୋଲିସ ଡିଜିଙ୍କୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକଙ୍କ ସହ ଆଠମଲ୍ଲିକ ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ମୃତକଙ୍କ ପରିବାର ସଦସ୍ୟଙ୍କ ସହ ବିଧାୟକ ରମେଶ ଚନ୍ଦ୍ର ସାଏ ଆଲୋଚନା କରୁଛନ୍ତି।

## ପରିଚୟପତ୍ର, ସହାୟତା ରାଶି ପ୍ରଦାନ

**ତାଳଚେର,୨୯।୭(ମନୋଜ ନନ୍ଦ)**

ତାଳଚେର ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ମଙ୍ଗଳମ କ୍ଲବଠାରେ ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କାର୍ଡ ବଣ୍ଟନ ସହିତ ସହାୟତା ରାଶି ବଣ୍ଟନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ତାଳଚେର ଜିଲା ଶ୍ରମ ଅଧିକାରୀ ପରିମିତା ମିଶ୍ର ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ତାଳଚେର ତହସିଲଦାର ରୋଜାଲିନ ବେହେରା, ପୌର ପରିଷଦ ନିର୍ବାହୀ ଅଧିକାରୀ ବଳୟ ଦେହୁରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବୀଣା ସିଂ ନାୟକ ଏବଂ ଶ୍ରମିକ ସଙ୍ଗଠନର ସଦସ୍ୟମାନେ ଉପସ୍ଥିତ ରହି ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କାର୍ଡ ଏବଂ ସହାୟତା ରାଶି ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରକାରଙ୍କ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ମୃତ୍ୟୁକାଳୀନ ସହାୟତା, ବିବାହ ସହାୟତା ଓ ଅନ୍ତ୍ୟେଷ୍ଟିକ୍ରିୟା ନିମିତ୍ତ ସହାୟତା ରାଶି ବାବଦରେ ୧ କୋଟି ୧୧ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ତାଳଚେର ଜିଲା ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶିବିରପରିଚାଳନା କରିଥିଲେ।



ପରିଚୟପତ୍ର, ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମରେ ଅତିଥିମାନେ।

## ନାଲ୍‌କୋରେ ଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ

**ବଅଁରପାଳ,୨୯।୭(ଉପେନ୍ଦ୍ର ରାଉତ)**

ଅନୁଗୋଳ ଜିଲା ନାଲ୍‌କୋ ବହୁ ସମସ୍ୟା ଦେଇ ଗତି କରୁଛି। ହେଲେ ଏହାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବା ନାଲ୍‌କୋ ଶ୍ରମିକ କଂଗ୍ରେସ ସାଧାରଣ ସମ୍ପାଦକ ବିଭବ ଜେନା, ଅଫିସର୍ସ ଅସୋସିଏଶନ ସଭାପତି ବନମାଳୀ ସେଠୀ, ଏଏମ୍‌ଏସ୍ ସାଧାରଣ ସାମ୍ପାଦକ ବିନୋଦ ସାମଲ, ନେପୁ ସାଧାରଣ ସାମ୍ପାଦକ ବୈରାଗୀ ସେଠ ପ୍ରମୁଖ ଅଭିଯୋଗ କରିଛନ୍ତି। ଏହି ଶ୍ରମିକ ନେତାମାନେ କହିଛନ୍ତି, ନାଲ୍‌କୋରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ନାଲ୍‌କୋ କଲୋନୀ ଓ ସିପିପି ପ୍ଲାଣ୍ଟରୁ ବାରମ୍ବାର ଚୋରି ହେଉଛି।



ନାଲ୍‌କୋ ଲିମ୍ବୁରି ପ୍ରକଳ୍ପ ଯୋଗେ ପାଉଁଶ ନିଷ୍କାସନ ବ୍ୟବସ୍ଥା ଅଚଳ ରହିବା ସତ୍ତ୍ୱେ ଏହାର ସମାଧାନ ନେଇ ସେପରି ପଦକ୍ଷେପ ନାଲ୍‌କୋ ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇ ନ ଥିଲା। ଏଥିଯୋଗୁ ନାଲ୍‌କୋର ବ୍ୟାପକ କ୍ଷତି ହୋଇଥିଲା। ନାଲ୍‌କୋ କୋଅର୍ଡିନେଶନ କମିଟି ହସ୍ତକ୍ଷେପ କରିବା ପରେ ଏହାର ସମାଧାନ ନେଇ ଉଦ୍ୟମ ଜୋର୍‌ଦାର ହୋଇଥିଲା। ସେହିପରି ଦୀର୍ଘ ୨ ମାସରୁ ଅଧିକ ଦିନ ହେଲା ନାଲ୍‌କୋରେ ମାନବ ସମ୍ବଳ ମହା ପ୍ରବନ୍ଧକ ପଦବୀ ଖାଲିପଡ଼ିଛି। ପୂର୍ବରୁ ଜିଜିଏମ୍ ଥିବା ମଣି ପ୍ରସାଦ ସାମଲ ଚାକିରିରୁ ଅବସର ନେବା ପରେ ତାଙ୍କ

### ୨ ମାସ ହେଲା ନାହାନ୍ତି ଜିଜିଏମ୍ ଏଚ୍‌ଆର୍‌ଡି

ସ୍ଥାନରେ କାହାକୁ ନିଯୁକ୍ତି ଦିଆଯାଇ ନାହିଁ। ଜିଜିଏମ୍ ଏଚଆର୍‌ଡି ପଦବୀ ଖାଲି ପଡିଥିବା ଯୋଗୁ ନାଲ୍‌କୋରେ ବିଭିନ୍ନ ସମସ୍ୟା ଉପୁଜୁଛି। ଏପରି କି ପାରିପାର୍ଶ୍ୱିକ କ୍ଷେତ୍ର ଓ ସିଏସ୍‌ଆର୍ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ତେଣୁ ତୁରନ୍ତ ଜିଜିଏମ୍ ଏଚଆର୍‌ଡିଙ୍କୁ ନିଯୁକ୍ତି ଦେବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ନାଲ୍‌କୋ କର୍ପୋରେଟ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ନାଲ୍‌କୋ ପ୍ଲାଣ୍ଟରେ ଜିଜିଏମ୍ ଏଚଆର୍‌ଡି ନ ଥିବାରୁ ସମସ୍ୟ ଉପୁଜୁଛି। ତୁରନ୍ତ ଏହି ପଦବୀ ପୂରଣ ପାଇଁ ଉଦ୍ୟମ କରାଯାଉଛି।

## ସଂକ୍ଷେପରେ

### ୬ ବର୍ଷର କନ୍ୟାଙ୍କୁ ଝୁଣିଦେଲା କୁକୁର



କାମାକ୍ଷାନଗର, ୨୯।୭(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର କୁସୁମଗୋଠ ଗ୍ରାମରେ ଏକ ବୁଲା କୁକୁର ଝୁଣିଦେବାରୁ ଜଣେ ୬ବର୍ଷର ଶିଶୁକନ୍ୟା ଗୁରୁତର ହୋଇଛନ୍ତି। ସେ ହେଲେ ସୁନାମୁଣି ଚକିଆଙ୍କ ଝିଅ ରତନି। ଶନିବାର ସକାଳେ ଶିଶୁକନ୍ୟା ଜଣକ ଘର ଆଗରେ ଖେଳୁଥିବାବେଳେ ଉକ୍ତ ହିଂସ୍ର କୁକୁର ତାଙ୍କୁ ଆକ୍ରମଣ କରିଥିଲା। ଏଥିରେ ତାଙ୍କ ମୁଣ୍ଡ, ପିଠି ସମେତ ଶରୀରର ବିଭିନ୍ନ ସ୍ଥାନରେ ଗୁରୁତର କ୍ଷତ ସୃଷ୍ଟି ହୋଇଛି। ଚିତ୍କାର ଶୁଣି ପରିବାର ଲୋକେ ଧାଇଁ ଆସି ଝିଅକୁ ଉଦ୍ଧାର କରିଥିଲେ। ଫଳରେ ରତନି ନିଶ୍ଚିତ ମୃତ୍ୟୁ ମୁଖରୁ ବର୍ତ୍ତିଯାଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

### ମିଡିଆ ସର୍ଭିସ୍ କେନ୍ଦ୍ରରେ ସୂଚନା ସେବା

ଢେଙ୍କାନାଳ, ୨୯।୭(ରତନ ନାୟାର)

ଢେଙ୍କାନାଳ ଗଣେଶ ବଜାରସ୍ଥିତ ବେସିକ୍ ଇନଫର୍ମେଶନ ଓ ମିଡିଆ ସର୍ଭିସ୍ କେନ୍ଦ୍ରରେ ଶୁକ୍ରବାରଠାରୁ ବିଭିନ୍ନ ପଦପଦବୀରେ ନିଯୁକ୍ତି ଲାଗି ସୂଚନା ସେବା ଆରମ୍ଭ ହୋଇଛି। ଆର୍ଥିକ ଦୁର୍ବଳ ବର୍ଗର ଚାକିରି ଆଶାୟୀଙ୍କୁ ଏଠାରେ କ୍ୟାରିୟର ସମ୍ପର୍କରେ ମାର୍ଗଦର୍ଶନ ଦିଆଯାଉଛି। ପ୍ରତି ଶନିବାର ଏବଂ ରବିବାର ପୂର୍ବାହ୍ନ ୧୦ଟାରୁ ୧୧ଟା ଏବଂ ଅପରାହ୍ନ ସାଢ଼େ ୩ଟାରୁ ୫ଟା ପର୍ଯ୍ୟନ୍ତ ଏହି ସେବା ଉପଲବ୍ଧ ହେଉଛି। କେନ୍ଦ୍ର ସରକାରଙ୍କ ଆଇଆଇଡିଏ ଇନ୍ସ୍ୟୁରାନ୍ସ ପରୀକ୍ଷା ନିମନ୍ତେ ଏଠାରେ ୩ ଦିନିଆ ତାଲିମ ଦିଆଯାଉଛି। ଅଦ୍ୟାବଧି ୧୭ଜଣ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

### ପଦକ୍ଷେପକୁ ସ୍ୱାଗତ

ଢେଙ୍କାନାଳ, ୨୯।୭(ରତନ ନାୟାର)

ଆନ୍ଧ୍ରପ୍ରଦେଶ ୱାକଫ୍ ବୋର୍ଡ ପକ୍ଷରୁ ଏକ ମୁସଲିମ୍ ସଙ୍ଗଠନର ଫତୱା ଆଧାରରେ ଅହମ୍ମଦିଆ ମୁସଲିମ ସଙ୍ଗଠନକୁ ଅଣ ମୁସଲମାନ ବୋଲି ଘୋଷଣା କରାଯାଇଥିଲା। ତେବେ କେନ୍ଦ୍ର ସରକାରଙ୍କ ସଂଖ୍ୟାଲଘୁ ମନ୍ତ୍ରଣାଳୟ ଏହାକୁ ଆଇନ ବିରୋଧୀ ବୋଲି କହିଛି, ଯାହାକୁ ସ୍ୱାଗତ କରିଛି ଓଡ଼ାପଡ଼ା ବ୍ଲକ ଗୁଣ୍ଡିଚାପଡ଼ାସ୍ଥିତ ଅନ୍ତଃରାଷ୍ଟ୍ରୀୟ ଅହମ୍ମଦିଆ ମୁସଲିମ୍ ଶାଖା। ଅହମ୍ମଦିଆ ସଙ୍ଗଠନ ଦେଶର ଆଇନ ବ୍ୟବସ୍ଥାକୁ ସମ୍ମାନ କରେ। ସେବା କାର୍ଯ୍ୟ ପାଇଁ ସଙ୍ଗଠନର ସୁନାମ ରହିଥିବା ଗୁଣ୍ଡିଚାପଡ଼ା ସଙ୍ଗଠନର ସଭାପତି ସୁଲେମାନ ଅଲ୍ଲୀ ଖାଁ କହିଛନ୍ତି।

## ଗାଁ ବିକାଶ ଆଳରେ କାଟୁଛନ୍ତି ଚାଉଳ
# କେ.ଜି. ପିଛା ୫୦ ଗ୍ରାମ୍

- ହିତାଧିକାରୀଙ୍କ ଅଭିଯୋଗ ପରେ ପ୍ରଶାସନିକ ତତ୍ପରତା
- କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ: ବ୍ଲକ ଯୋଗାଣ ନିରୀକ୍ଷିକା

କାମାକ୍ଷାନଗର, ୨୯।୭(ସୁଧୀର ପରିଡ଼ା)

ଗରିବଙ୍କୁ ମିଳୁଥିବା ଚାଉଳ ବିକ୍ରି ଟଙ୍କାରେ ହେବ ଗାଁର ବିକାଶ। ଏଥିଲାଗି ବାଧ୍ୟତାମୂଳକ ଭାବେ କିଲୋଗ୍ରାମ୍ ପିଛା କଟାଯାଉଛି ୫୦ ଗ୍ରାମ୍ ଚାଉଳ। ଢେଙ୍କାନାଳ ଜିଲା ଭୁବନ ବ୍ଲକ ଜିରାଳ ଗ୍ରାମରୁ ଆସିଛି ଏଭଳି ଅଭିଯୋଗ। ଗ୍ରାମାଞ୍ଚଳରେ ଖାଦ୍ୟ ସୁରକ୍ଷା ଯୋଜନାକୁ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ନିୟନ୍ତ୍ରଣ ରଖୁଥିବା ନେଇ ଯେଉଁ ଚର୍ଚ୍ଚା ହେଉଥିଲା, ତାହା ଏହି ଘଟଣାରୁ ସ୍ପଷ୍ଟ ହୋଇଛି। ଅନ୍ୟପଟେ ହିତାଧିକାରୀଙ୍କ ଅଭିଯୋଗ ପରେ ଏହାକୁ ନେଇ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ଏଭଳି କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି।





ଅଭିଯୋଗ ଅନୁଯାୟୀ, ଜିରାଳ ଗ୍ରାମସଭା ଜରିଆରେ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ମିଳୁଥିବା ସାମଗ୍ରୀ ହିତାଧିକାରୀଙ୍କୁ ବଣ୍ଟନ କରାଯାଉଛି। ଗ୍ରାମ ସଭାଘରେ ଖାଉଟି ଦ୍ରବ୍ୟ ମହଜୁଦ୍ ରଖାଯାଉଥିବାବେଳେ ସେଠାରୁ ପ୍ରାୟ ୧୨୪୦ ହିତାଧିକାରୀଙ୍କୁ ଚାଉଳ ବଣ୍ଟାଯାଇଥାଏ। ତଦନୁଯାୟୀ ଗୁରୁବାର ଓ ଶୁକ୍ରବାର ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରାଯାଇଥିଲା। ତେବେ ଦାୟିତ୍ୱରେ ଥିବା କ୍ୟାଶିୟର ପ୍ରକାଶ କୁମାର ଲେଙ୍କା କେଜି ପିଛା ୫୦ ଗ୍ରାମ ଚାଉଳ କମ୍ ଦେଇଥିଲେ। କେତେଜଣ ହିତାଧିକାରୀ ଏହାର ପ୍ରତିବାଦ କରିବା ପରେ ଗ୍ରାମସଭାର ନିଷ୍ପତ୍ତି ଅନୁଯାୟୀ ଗାଁର ଉନ୍ନତି ପାଇଁ ଚାଉଳ କଟାଯାଉଥିବା କହିଥିଲେ, ଯାହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସଂକ୍ରାନ୍ତରେ କ୍ୟାଶିୟର ଲେଙ୍କାଙ୍କ ପ୍ରତିକ୍ରିୟା ଲୋଡ଼ିବାରେ ସେ କିଛି କହିପାରିବେ ନାହିଁ ବୋଲି କହିଥିଲେ। ଏ ନେଇ ସଭାପତିଙ୍କୁ ପଚାରିବାକୁ କହି ଫୋନ୍ କାଟିଦେଇଥିଲେ। ଗ୍ରାମ ସଭାପତି ଅର୍ଜ୍ଜୁନ କୁମାର ପଣ୍ଡାଙ୍କୁ ପଚାରିବାରୁ ସେ କୁହନ୍ତି, ଗ୍ରାମର ସର୍ବାଙ୍ଗୀନ ଉନ୍ନତି ପାଇଁ ଏଭଳି କରାଯାଉଛି। ଏହାର ଲାଭାଂଶରୁ ଗ୍ରାମ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତି କାର୍ଯ୍ୟ କରାଯାଉଛି। ବ୍ଲକ ଯୋଗାଣ ନିରୀକ୍ଷିକା ସ୍ୱର୍ଣ୍ଣଲତା ଜେନା କୁହନ୍ତି, ତାଙ୍କ ନିକଟକୁ ଅଭିଯୋଗ ଆସିଛି। ଏଭଳି କାର୍ଯ୍ୟକୁ କୌଣସି ପରିସ୍ଥିତିରେ କ୍ଷମା ଦିଆଯିବନାହିଁ। କାର୍ଯ୍ୟାନୁଷ୍ଠାନ ନିଆଯିବ।

ଭୋକିଲାଙ୍କ ପେଟକୁ ସରକାର ଯୋଗାଇ ଦେଉଛନ୍ତି ଦାନା। ଗରିବ ପରିବାର ପାଇଁ ଆଶୀର୍ବାଦ ପାଲଟିଛି ଖାଦ୍ୟ ସୁରକ୍ଷା ଯୋଜନା। ହେଲେ ଏହା ଉପରେ ମଧ ଲୋଲୁପ ଦୃଷ୍ଟି ପକାଇବାକୁ ପଛାଉନାହାନ୍ତି ଅନେକେ। ଗାଁର ବିକାଶ କାର୍ଯ୍ୟ ଆଳରେ ଜିରାଳରେ କିଲୋଗ୍ରାମ ପିଛା ୫୦ ଗ୍ରାମ୍ ଚାଉଳ କଟାଯିବା ଘଟଣା ଶିଳ୍ପ ଜିଲା ଢେଙ୍କାନାଳରେ ଆଲୋଡ଼ନ ସୃଷ୍ଟି କରିଛି। ଜିରାଳରେ ଏଭଳି ବେଆଇନ କାର୍ଯ୍ୟ ଦୀର୍ଘଦିନ ଧରି ଚାଲିଛି। ତେବେ କାର୍ଯ୍ୟାନୁଷ୍ଠାନ ଭୟରେ କେହିପାଟି ଖୋଲୁ ନ ଥିବା କେତେଜଣ ହିତାଧିକାରୀ ନାମ ଗୋପନ ରଖି କହିଛନ୍ତି।



ପୋଖରୀରେ ମାଛ ଯାଆଁଳ ଛଡ଼ାଯାଉଛି।

## ସ୍କୁଲ ପୋଖରୀରେ ଛଡ଼ାଗଲା ଯାଆଁଳ

ଢେଙ୍କାନାଳ , ୨୯।୭(ରତନ ନାୟାର)

ଢେଙ୍କାନାଳ ସହର ଉପକଣ୍ଠ କୁର୍ଚୁଣିଆ ପାହାଡ଼ ପାଦଦେଶରେ ଥିବା ନନ୍ଦିନୀ ଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ ପୋଖରୀରେ ଶୁକ୍ରବାର ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ମାଛ ଯାଆଁଳ ଛଡ଼ାଯାଇଛି। ଜିଲା ମତ୍ସ୍ୟ ବିଭାଗ ଅଧିକାରୀ ସଂଗ୍ରାମ କେଶରୀ କରଙ୍କ ନିର୍ଦ୍ଦେଶରେ ସରକାରୀ ଅଧିକାରୀ ବିଦ୍ୟାଧର ସାହୁ କର୍ମଚାରୀଙ୍କ ସହାୟତାରେ ରୋହି, ଭାକୁର ଓ ମିରକାଳି ପ୍ରଜାତିର ୨୦୦୦ ଯାଆଁଳ ପୋଖରୀରେ ଛାଡ଼ିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ବିଶ୍ୱନାଥ ବେହେରା, କୋଷାଧ୍ୟକ୍ଷ ମଳୟ ପାଣିଗ୍ରାହୀ, ଉପସଭାନେତ୍ରୀ ପୂର୍ଣ୍ଣିମାଚାନ୍ଦ ସାହୁ, ସଭ୍ୟା ମନୋଜ ମଞ୍ଜରୀ ହୋତା, ଗୋଲାପମଣି ସାହୁ, ମଳୟ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ଦ୍ୱିବେଦୀ, ପ୍ରଦୀପ କୁମାର ଧଳ, ଶରତ କୁମାର ସାହୁ, କର୍ମଚାରୀ ବଳରାମ ସାହୁ, ସିଦ୍ଧେଶ୍ୱର ପଣ୍ଡା, ରାଜକିଶୋର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପୋଖରୀକୁ 'ମୁକ୍ତା' ଯୋଜନାରେ ଅନ୍ତର୍ଭୁକ୍ତ କରି ଆବଶ୍ୟକ ଉନ୍ନତି କରିବାକୁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ପୌର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେବେ ଅଦ୍ୟାବଧି ଏ ନେଇ ପଦକ୍ଷେପ ନିଆଯାଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ଉଦ୍ଧାର ବୃଦ୍ଧ ପରିବାରକୁ ହସ୍ତାନ୍ତର

ଢେଙ୍କାନାଳ, ୨୯।୭(ରତନ ନାୟାର)

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ନିକଟରୁ ଶୁକ୍ରବାର ରାତି ୯ଟାରେ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଦ୍ୱାରା ଉଦ୍ଧାର ହୋଇଥିବା ଅନିରୁଦ୍ଧ ମଙ୍ଗଳ (୭୯)ଙ୍କୁ ଶନିବାର ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ଅନିରୁଦ୍ଧ ଜିଲା କାର୍ଯ୍ୟାଳୟ ନିକଟରେ ଅସହାୟ ଅବସ୍ଥାରେ ବସିଥିବା କେତେଜଣ ଗଣମାଧ୍ୟମ ପ୍ରତିନିଧି ଦେଖିଥିଲେ। ସେମାନଙ୍କଠାରୁ ସୂଚନା ପାଇ ମିଶନ ସମ୍ପାଦକ ପ୍ରଦୀପ ସାହୁ ତାଙ୍କୁ ଉଦ୍ଧାର କରି ବରିଷ୍ଠ ନାଗରିକ ଗୃହକୁ ନେଇଥିଲେ। ପଚରାଉଚରା ପରେ ବାଲିଆପାଳ ଥାନା ବଡ଼ପାଳ ପଞ୍ଚାୟତରେ ତାଙ୍କର ଘର ବୋଲି ଜଣାପଡ଼ିଥିଲା। ସେଠାକାର ସରପଞ୍ଚଙ୍କ ଜରିଆରେ ଅନିରୁଦ୍ଧଙ୍କ ଘର ଲୋକଙ୍କୁ ସୂଚନା ଦିଆଯାଇଥିଲା। ଏହାପରେ ପରିବାର ଲୋକେ ପହଞ୍ଚି ତାଙ୍କୁ ସାଙ୍ଗରେ ନେଇଯାଇଛନ୍ତି। ଘରୋଇ କଳିକୁ କେନ୍ଦ୍ର କରି ଅନିରୁଦ୍ଧ ଯୋରନ୍ଦା ଚାଲି ଆସିଥିଲେ। ପାଖରେ ଥିବା ଟଙ୍କା ସରିଯିବା ପରେ ସେ ଢେଙ୍କାନାଳରେ ଇତଃସ୍ତତଃ ହୋଇ ବୁଲୁଥିଲେ।



ଉଦ୍ଧାର ବୃଦ୍ଧ ଅନିରୁଦ୍ଧ ମଙ୍ଗଳ।

## ଚାଷୀଙ୍କୁ ପିଏମ୍ଏଫ୍‌ବିୱାଇରେ ସାମିଲ କରିବାକୁ ନିର୍ଦ୍ଦେଶ

କାମାକ୍ଷାନଗର, ୨୯।୭
(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ସଭାଗୃହ ପରିସରରେ ଶନିବାର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍ଏଫ୍‌ବିୱାଇ) ସଚେତନତା ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ଯୋଗଦେଇ ଯୋଜନାର ସଫଳ କାର୍ଯ୍ୟକାରିତା ନେଇ ଆଲୋଚନା କରିଥିଲେ। ଉପଖଣ୍ଡ ଅଞ୍ଚଳର ସମସ୍ତ ଚାଷୀକୁ ଏହି ଯୋଜନାରେ ସାମିଲ କରିବା ଏବଂ ସେମାନେ ଯେପରି ଏହାର ସୁଯୋଗ ପାଇପାରିବେ ସେ ନେଇ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଏବିଡିଓ ଝରଣା ସାମଲ, ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ ଦିଲୀପ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆନ୍ଦୋଳନ ପାଇଁ ଅଣ୍ଟାଭିଡ଼ିଲା ଓଷ୍ଟା

ଢେଙ୍କାନାଳ, ୨୯।୭(ରତନ ନାୟାର)

### ୯ରେ ଜିଲାସ୍ତରୀୟ ସମାବେଶ

ନୂତନ ଅନୁଦାନପ୍ରାପ୍ତ ସ୍କୁଲର ଶିକ୍ଷକ ଓ କର୍ମଚାରୀଙ୍କୁ ନ୍ୟାୟ ଦେବାକୁ ଅଣ୍ଟା ଭିଡ଼ିଛି ଢେଙ୍କାନାଳ ଜିଲା ଓଷ୍ଟା ସଂଘ। ଭୁବନେଶ୍ୱରରେ ହେବାକୁ ଥିବା ଆନ୍ଦୋଳନକୁ ସଫଳ କରିବା ପାଇଁ ଶନିବାର ଲକ୍ଷ୍ମୀଧର ମ୍ୟୁନିସିପାଲ୍ ହାଇସ୍କୁଲ ପରିସରରେ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଘ କାର୍ଯ୍ୟକାରୀ ସଭାପତି ପୀତାମ୍ବର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜିଲା ସମ୍ପାଦକ ବିଭୂତି ଭୂଷଣ ସାମଲ ଯୋଗଦେଇ ଆସନ୍ତା ୯ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ସମାବେଶକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ରାଜ୍ୟ ଉପସଭାପତି ପ୍ରମୋଦ ସ୍ୱାଇଁ କହିଲେ, ଅଗଷ୍ଟ ୧୬ଠାରୁ ଭୁବନେଶ୍ୱରରେ ଅହୋରାତ୍ର ଗଣଧାରଣା ଦିଆଯିବ। ଏହି କାର୍ଯ୍ୟକ୍ରମରେ ଜିଲାରୁ ବହୁସଂଖ୍ୟାରେ ଯୋଗ ଦେବାକୁ ସେ ନିବେଦନ କରିଛନ୍ତି। ରାଜ୍ୟ ସଂଘ କାର୍ଯ୍ୟକାରୀ ସଦସ୍ୟ ଶ୍ରୀରାମ ରାଉତ କହିଲେ, ନୂତନ ଅନୁଦାନପ୍ରାପ୍ତ ସ୍କୁଲର ଶିକ୍ଷକ କର୍ମଚାରୀ ଅବସର ପରେ ଶୂନ୍ୟହସ୍ତରେ ଘରକୁ ଯାଉଛନ୍ତି। ସେମାନଙ୍କ ପାଇଁ ପେନ୍‌ସନ୍ କି ଗ୍ରାଚ୍ୟୁଇଟି ସୁବିଧା ନାହିଁ। ଚାକିରି ସର୍ତ୍ତାବଳୀ ଲାଗୁ ଏବଂ ପେନ୍‌ସନ୍ ପ୍ରଦାନ ପାଇଁ ସେମାନେ ଦାବି କରି ଆସୁଛନ୍ତି। ସରକାର ଏହାକୁ ପୂରଣ କରିବା ଉଚିତ ବୋଲି ସେ କହିଛନ୍ତି। ଅଗଷ୍ଟ ୯ରେ ବିଦ୍ୟାଳୟରେ ମାତ୍ର ଦୁଇଜଣ ଶିକ୍ଷକ ଶିକ୍ଷାଦାନ କରିବେ। ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଜିଲାସ୍ତରରେ ହେବାକୁ ଥିବା ସମାବେଶରେ ଯୋଗଦେବେ ବୋଲି ନିଷ୍ପତ୍ତି ହୋଇଛି। ଉପଦେଷ୍ଟା ପ୍ରଶାନ୍ତ ଧଳ, ବିନୋଦ ସ୍ୱାଇଁ, ଉପସଭାପତି ସଦାନନ୍ଦ ସାହୁ, ଶିକ୍ଷକ ନେତା ଯୁଗଳ କିଶୋର ପାଣି, ମଧୁସୂଦନ ରାଉତ, ଯୁଗ୍ମ ସମ୍ପାଦକ ଅଶ୍ୱିନୀ ରାୟ ପ୍ରମୁଖ ଉପସ୍ଥିତ ଥିଲେ।





ବୈଠକରେ ଅତିଥିମାନେ।

# ୮ମ ସ୍ୱପ୍ନେଶ୍ୱର ମହୋତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ପ୍ରତିଯୋଗୀମାନେ।

ଢେଙ୍କାନାଳ, ୨୯।୭(ରତନ ନାୟାର)

ଢେଙ୍କାନାଳ ଗୋପବନ୍ଧୁ ଟାଉନ ହଲ୍ ପରିସରରେ ଶାଶ୍ୱତ କଳା ପରିଷଦ ପକ୍ଷରୁ ଶନିବାର ୮ମ ସ୍ୱପ୍ନେଶ୍ୱର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଟି. ସୌରୀ, ସମ୍ମାନିତ ଅତିଥି ସାମାଜିକ କର୍ମୀ ଅରୁଣ କୁମାର ସାହୁ, ନାଟ୍ୟ ନିର୍ଦ୍ଦେଶକ ଦିଲୀଶ୍ୱର ମହାରଣା ମଞ୍ଚାସୀନ ଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ସିପ୍ରାରାଣୀ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ। ସୁଶାନ୍ତ ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଜ୍ଞାନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।





ଡିପିଏସ୍‌ରେ ଅଭିଷେକ ସମାରୋହରେ ଭାଗନେଇଥିବା ଛାତ୍ରୀଛାତ୍ରମାନେ।

## ଡିପିଏସ୍‌ରେ ଅଭିଷେକ ସମାରୋହ

ଢେଙ୍କାନାଳ, ୨୯।୭(ରତନ ନାୟାର)

ଢେଙ୍କାନାଳ ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ୍) ପରିସରରେ ଶୁକ୍ରବାର ଅଭିଷେକ ସମାରୋହ ୨୦୨୩-୨୪ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ୧୨ ଓଡ଼ିଶା ବାଟାଲିୟନ ଏନ୍‌ସିସି କମାଣ୍ଡିଂ ଅଫିସର ଲଳିତ ନାରାୟଣ ମହାପାତ୍ର, ମହିଳା କଲେଜ ଅଧ୍ୟକ୍ଷା ଡ. ଆର୍.ସି. ମଲ୍ଲ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ଡାଇରେକ୍ଟର ଡ. ଲଗ୍ନଜିତ ଦାଶ, ଅଧ୍ୟକ୍ଷ ବିଜୟ ସାହୁଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ଛାତ୍ରୀଛାତ୍ରମାନେ ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ବୋଷ ହାଉସ, କଲାମ୍ ହାଉସ, ମେନନ୍ ହାଉସ, ରମଣ ହାଉସର କ୍ୟାପ୍‌ଟେନ୍, ଭାଇସ୍ ହାଉସ୍ କ୍ୟାପ୍‌ଟେନ୍, ସିନିୟର ପ୍ରିଫେକ୍ଟ, ଜୁନିୟର ପ୍ରିଫେକ୍ଟ, ପ୍ରତି ଶ୍ରେଣୀର ପ୍ରତିନିଧି, ସ୍ପୋର୍ଟସ୍ କ୍ୟାପଟେନ୍, ଭାଇସ୍ ସ୍ପୋର୍ଟସ୍ କ୍ୟାପଟେନ୍, ଲିଟେରାରି କ୍ୟାପ୍‌ଟେନ, କଲଚରାଲ କ୍ୟାପ୍‌ଟେନ, ବିଦ୍ୟାଳୟର ହେଡ୍ ବୟ, ହେଡ୍ ଗାର୍ଲଙ୍କ ସମେତ ମୋଟ ୭୬ଜଣ ଶପଥପାଠ କରିଥିଲେ। ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ପ୍ରୋ ଭାଇସ ଚେୟାରମ୍ୟାନ ବିନୋଦ କୁମାର ଦାଶଙ୍କ ମାର୍ଗଦର୍ଶନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜେଆର୍‌ଡି ଟାଟାଙ୍କ ଜୟନ୍ତୀ

ଢେଙ୍କାନାଳ, ୨୯।୭(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ଶନିବାର କାରଖାନା ପରିସରରେ ଭାରତରତ୍ନ ଜେଆରଡି ଟାଟାଙ୍କ ୧୧୯ତମ ଜୟନ୍ତୀ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। କମ୍ପାନୀର ଚିଫ୍ ଆଇରନ୍ ମେକିଂ ଅଧିକାରୀ ଅମିତ ସିଂଙ୍କ ସମେତ ଅନ୍ୟ ପଦସ୍ଥ ଅଧିକାରୀ ଟାଟାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜେଆରଡି ଟାଟାଙ୍କ ଜୀବନ ଓ ଅବଦାନକୁ ନେଇ ଏକ ଅଧିବେଶନ, ପାରିକୁଳ ଉଚ୍ଚ ବିଦ୍ୟାଳୟରେ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିସହ ଆବାସିକ କଲୋନୀରେ ରହୁଥିବା କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ନେଇ ଚେସ୍, ମନ୍ଥର ସାଇକେଲ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



ଜେଆରଡି ଟାଟାଙ୍କ ଜୟନ୍ତୀ ସମାରୋହରେ କମ୍ପାନୀ ଅଧିକାରୀମାନେ।

# ରାସ୍ତା ପାଇଁ ରାସ୍ତାରେ

- ବିଭାଗୀୟ ଅବହେଳା ବିରୋଧରେ ନେତା, ଜନତା ଏକାଠି
- କାମ ଆରମ୍ଭ ହେବା ପର୍ଯ୍ୟନ୍ତ ଧାରଣା ନିଷ୍ପତ୍ତିରେ ଅଟଳ

ଢେଙ୍କାନାଳ, ୨୯।୭(ରତନ ନାୟାର)

ରେଲୱେ କାମରେ ନିୟୋଜିତ ଭାରିଯାନ ପାଇଁ ନଷ୍ଟ ହୋଇଯାଇଛି ଗ୍ରାମ୍ୟ ରାସ୍ତା। ଲଗାଣ ବର୍ଷାରେ ଖାଲଖମାରେ ଭର୍ତ୍ତି ହୋଇ ପଡ଼ିଥିବା ସଡ଼କରେ ପାଦରେ ଚାଲିକରି ଯିବା ମଧ କଷ୍ଟକର ହୋଇପଡ଼ିଛି। ବାରମ୍ବାର ନେହୁରା ହେବା ସତ୍ତ୍ୱେ ରେଲ ବିଭାଗ ଦୁଃଖ ବୁଝିଲା ନାହିଁ କି ଗ୍ରାମ୍ୟ ନିର୍ମାଣ ବିଭାଗ ଗୁରୁତ୍ୱ ଦେଲାନାହିଁ। ସବୁଆଡୁ ନିରାଶ ହେବା ପରେ ରାସ୍ତା ପାଇଁ ରାସ୍ତାକୁ ଓହ୍ଲାଇଛନ୍ତି ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସଦାଶିବପୁର ପଞ୍ଚାୟତବାସୀ। ଆଉ ପ୍ରତିଶ୍ରୁତି ଚଳିବ ନାହିଁ। ରାସ୍ତା କାମ ଆରମ୍ଭ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇ ସେମାନେ ଶୁକ୍ରବାର ରାତିରୁ ଧାରଣାରେ ବସିଛନ୍ତି।

ଅଭିଯୋଗ ଅନୁଯାୟୀ, ସଦାଶିବପୁର ପଞ୍ଚାୟତର ସୁଧାଡିହକାଟେଣୀ, ସାନ ବଉଳପୁର, ବଉଳପୁର ପାଟଣା, ବଉଳପୁର ଏବଂ ତେନ୍ତୁଳିଆପଦାକୁ ସଂଯୋଗ କରୁଥିବା ଗ୍ରାମ୍ୟ ନିର୍ମାଣ ବିଭାଜନ ରାସ୍ତା ଅତିମାତ୍ରାରେ ବିପଦସଙ୍କୁଳ ହୋଇପଡ଼ିଛି। ରେଲ ବିଭାଗ କାମ ପାଇଁ ଦିନରାତି ଭାରିଯାନ ଚଳାଚଳ କରୁଥିବାରୁ ପଞ୍ଚାୟତବାସୀଙ୍କ ଗମନାଗମନର ପ୍ରମୁଖ ମାଧ୍ୟମ ଏହି ସଡ଼କ ଶୋଚନୀୟ ହୋଇପଡ଼ିଛି। ବର୍ଷା ପାଣି ଜମି ରହି ଖାଲଖମା ଜଣାପଡୁ ନ ଥିବାରୁ ଦୁର୍ଘଟଣା ଘଟୁଛି। ଏ ସଂକ୍ରାନ୍ତରେ ସମ୍ପୃକ୍ତ ଗ୍ରାମବାସୀ ଜିଲାପାଳ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ବିଭାଗୀୟ ଅଧିକାରୀ ଏବଂ ରେଲୱେ କାର୍ଯ୍ୟ ନେଇଥିବା ଠିକାଦାରଙ୍କୁ ଜଣାଇଥିଲେ ମଧ ପଦକ୍ଷେପ ନିଆଯାଉନାହିଁ। ଏହାର ପ୍ରତିବାଦରେ ସରପଞ୍ଚ ଧରିତ୍ରୀ ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଶୁକ୍ରବାର ରାତିରୁ ଧାରଣାରେ ବସିଛନ୍ତି।



ଧାରଣାରେ ସରପଞ୍ଚଙ୍କ ସମେତ ଗ୍ରାମବାସୀ।

ଏ ନେଇ ସରପଞ୍ଚ ମଲ୍ଲିକ କୁହନ୍ତି, ସନ୍ଧ୍ୟାରେ ଠିକାଦାର, କନିଷ୍ଠ ଯନ୍ତ୍ରୀ ଆସି ଚିପ୍ସ, ପାଉଁଶ ପକାଇ ରାସ୍ତା ମରାମତି କରିବେ ବୋଲି କହିଛନ୍ତି। ହେଲେ ସେମାନଙ୍କ ଉପରେ ଗ୍ରାମବାସୀଙ୍କ ଭରସା ପାଉନାହିଁ। ରାସ୍ତା ମରାମତି କାମ ଆରମ୍ଭ ହେଲେ ଗ୍ରାମବାସୀ ଧାରଣାରୁ ଉଠିବେ ବୋଲି ନିଷ୍ପତ୍ତି ନେଇଛନ୍ତି।

## ସଂକ୍ଷେପରେ

### କୋର୍ଟ କିରାଣିଙ୍କ ଆକାଉଣ୍ଟରୁ ଲକ୍ଷେ ଗାଏବ

ଅନୁଗୋଳ, ୨୯।୭ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟର ବରିଷ୍ଠ କିରାଣି ବିଶ୍ୱରଞ୍ଜନ ପଣ୍ଡା ସାଇବର ଠକେଇର ଶିକାର ହୋଇଛନ୍ତି। ତାଙ୍କ ଆକାଉଣ୍ଟରୁ ୧ ଲକ୍ଷ ୧୮ ହଜାର ୫୦୦ ଟଙ୍କା ଗାଏବ ହୋଇଯାଇଥିବା ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ପାଇବା ପରେ ନଂ. ୩୪୭/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଗତ ୨୭ ତାରିଖରେ ବିଶ୍ୱରଞ୍ଜନ କୋର୍ଟରେ କାର୍ଯ୍ୟ କରୁଥିବାବେଳେ ତାଙ୍କୁ ଏକ ମେସେଜ୍ ଆସିଥିଲା। ତାଙ୍କ କ୍ରେଡିଟ୍‌କାର୍ଡରେ ଥିବା ରିୱାର୍ଡ ପଏଣ୍ଟ ଅବଧି ଶେଷ ହେବାକୁ ବସିଛି ବୋଲି ସେଥିରେ ଉଲ୍ଲେଖ ଥିଲା। ଏହା ତଳେ ଥିବା ଲିଙ୍କ୍‌ରେ କ୍ଲିକ୍ କରିବାକୁ କୁହାଯାଇଥିଲା। ସେ ଲିଙ୍କ୍‌ରେ କ୍ଲିକ କରିବା ପରେ ତାଙ୍କ ଆକାଉଣ୍ଟରୁ ପ୍ରଥମେ ୪୮ ହଜାର ୫୦୦ ଟଙ୍କା ଓ ପରେ ୭୦ ହଜାର ଟଙ୍କା କଟି ଯାଇଥିଲା। ଏହାପରେ ୬୦ ହଜାର ଟଙ୍କା ଠକ କାଟିନେବାକୁ ଚେଷ୍ଟା କରିଥିଲେ ହେଁ ବିଫଳ ହୋଇଥିଲେ। ଏ ନେଇ ବିଶ୍ୱରଞ୍ଜନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ ସୂଚନା ଦେଇଛନ୍ତି।

# ଭାଜପା କାଉନସିଲର-ନଗରପାଳ ମୁହାଁମୁହିଁ

ଅନୁଗୋଳ, ୨୯।୭ (ଅମିତ କୁମାର ସାମଲ)



■ପୌରପରିଷଦ ବୈଠକରେ ହୋହଲ୍ଲା
■ପରିମଳ ବ୍ୟବସ୍ଥା ସୁଧାର, ନୂଆ ଜେସିବି ପାଇଁ ପ୍ରସ୍ତାବ

ଅନୁଗୋଳ ପୌରପରିଷଦ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲେ ହେଁ ଏଥିରେ ସେପରି କିଛି ଆଲୋଚନା ହୋଇନାହିଁ। କେବଳ ନୂଆ ଜେସିବି କିଣିବାକୁ ବୈଠକରେ ପ୍ରସ୍ତାବ ଦିଆଯାଇଥିଲା। ତେବେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବାକୁ ଦାବି କରି କାଉନସିଲରମାନେ ହୋହାଲ୍ଲା କରିଥିଲେ। ଏହି ସମୟରେ ଭାଜପାର କାଉନସିଲରଙ୍କୁ ବୈଠକରେ କିଛି କହିବାକୁ ଦିଆ ନ ଯିବାରୁ ନଗରପାଳଙ୍କ ସହ ଭାଜପା କାଉନସିଲରଙ୍କ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଏହି ସମୟରେ ବୈଠକରେ ଯୋଗଦେଇଥିବା ଢେଙ୍କାନାଳ ଏମ୍‌ପି ମହେଶ ସାହୁ କାଉନସିଲରମାନଙ୍କୁ କାଉନସିଲ ନିୟମ ନେଇ ଅବଗତ ହେବାକୁ ଅନୁରୋଧ କରିଥିଲେ।

ପୌରପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ନଗରପାଳ ଅକ୍ଷୟ କୁମାର ସାମନ୍ତ ସଭାପତିତ୍ୱ କରିଥିବାବେଳେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଓ କାଉନସିଲରମାନେ ଉପସ୍ଥିତ ଥିଲେ। ଏମ୍‌ପି ପ୍ରଥମେ କାଉନସିଲରଙ୍କ ସହ ପୌରନିର୍ବାହୀ ଅଧିକାରୀଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଏମ୍‌ପି ତାଙ୍କ ରାଜନୈତିକ ଜୀବନ ବିଷୟରେ କହିଥିଲେ। କାଉନସିଲରମାନେ ପ୍ରଥମେ କାଉନସିଲ ନିୟମ ଜାଣିବା ଉଚିତ। ନଚେତ୍ ଉନ୍ନୟନ କାର୍ଯ୍ୟରେ ପ୍ରଶାସନିକ ଅଧିକାରୀ ଓ ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ରହିବ ନାହିଁ। ତେଣୁ କାଉନସିଲ ନିୟମ ଭଲ ଭାବେ ନିର୍ବାଚିତ ପ୍ରତିନିଧିମାନେ ଅବଗତ ହେଲେ ସେମାନେ ବୈଠକରେ ଦେଇଥିବା ଉନ୍ନୟନ ପ୍ରସ୍ତାବ ଠିକ୍ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ଜାଣିପାରିବେ ବୋଲି ଏମ୍‌ପି କହିଥିଲେ। ସ୍ୱାୟତ୍ତ ଶାସନ ଦିବସ ପାଇଁ ଆସନ୍ତା ୧୦ ତାରିଖରେ ଆଉ ଏକ ପ୍ରସ୍ତୁତି ବୈଠକ କରିବାକୁ ନଗରପାଳ ପ୍ରସ୍ତାବ ଦେଇଥିଲେ। ଏହାପରେ ଭାଜପାର ୯ନଂ. ୱାର୍ଡ କାଉନସିଲର ସରିତା ମିଶ୍ର ତାଙ୍କ ଅଞ୍ଚଳରେ ଥିବା କଳଙ୍ଗେଇ ମନ୍ଦିରର ପୁନରୁଦ୍ଧାର ନ କରାଯିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ବର୍ଷା ହେଲେ ମା'ଙ୍କ ମନ୍ଦିର ପାଣିରେ ବୁଡ଼ିଯାଉଥିବା କହିଥିଲେ। ଏହାକୁ କାହିଁକି ୫-ଟିରେ ଅନ୍ତର୍ଭୁକ୍ତ କରାଗଲା ନାହିଁ ବୋଲି ପ୍ରଶ୍ନ କରିଥିଲେ। ଏହାପରେ ନଗରପାଳ ତାଙ୍କୁ କହିବାକୁ ସୁଯୋଗ ଦେଇ ନ ଥିଲେ। ଫଳରେ ଏହାକୁ ନେଇ ନଗରପାଳଙ୍କ ସହ ତାଙ୍କର ମୁହାଁମୁହିଁ ହୋଇଥିଲା। ଏହି ଘଟଣାରେ ଏମ୍‌ପି ହସ୍ତକ୍ଷେପ କରି ଘଟଣାର ଅନୁଧ୍ୟାନ ପରେ ଏମ୍‌ପିଙ୍କ ପାଣ୍ଠିରୁ ମନ୍ଦିର ନିର୍ମାଣ ପାଇଁ ଅର୍ଥ ପ୍ରଦାନ କରାଯିବ ବୋଲି କହିଥିଲେ। ସେହିପରି କେତେଜଣ କାଉନସିଲର ସହରର ପରିମଳ ବ୍ୟବସ୍ଥାକୁ ନେଇ ପ୍ରଶ୍ନ କରିଥିଲେ। ସହରର ପରିମଳ ବ୍ୟବସ୍ଥା ବପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ଏଥିରେ ସୁଧାର ଆଣିବାକୁ ପ୍ରସ୍ତାବ ଦେଇଥିଲେ। ଡେଙ୍ଗୁ ପରିସ୍ଥିତି ମୁକାବିଲା ପାଇଁ ପ୍ରତି ୱାର୍ଡରେ ସଚେତନତା କାର୍ଯ୍ୟକ୍ରମ କରିବାକୁ ପ୍ରସ୍ତାବ ରଖିଥିଲେ। ଏହାପରେ ପୌରପାଳିକା ପରିମଳ ପାଇଁ ଭଡ଼ାରେ ଲାଗିଥିବା ଜେସିବିକୁ ହଟାଇ ନୂଆ ଜେସିବି କିଣିବାକୁ କାଉନସିଲର ପ୍ରସ୍ତାବ ଦେଇଥିଲେ। ତେବେ କାଉନସିଲରମାନେ ଦେଇଥିବା ପ୍ରସ୍ତାବକୁ ନଗରପାଳ ଅଗ୍ରାହ୍ୟ କରିଥିବାରୁ ସେମାନେ ହୋ ହଲ୍ଲା କରିଥିଲେ। ଏଥିସହ ବିଭିନ୍ନ ସ୍ଥାନରେ ବିଜୁଳି ଜଳୁ ନ ଥିବାରୁ ଏହି ବ୍ୟବସ୍ଥାରେ ସୁଧାର ଆଣିବାକୁ କାଉନସିଲରମାନେ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ ଏମ୍‌ପି, ନଗରପାଳଙ୍କ ସହ ପୌର ଉପାଧ୍ୟକ୍ଷା ଅନୁପମା ସାହୁ, ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ନିର୍ବାହୀ ଯନ୍ତ୍ରୀ ରବିନ୍ ଦାସ, ମୁଖ୍ୟ କିରାଣି ଅଟଳ ଦେବତା ଓ ୨୨ ଜଣ କାଉନସିଲର ଉପସ୍ଥିତ ଥିଲେ।

# ଅସ୍ଥାୟୀ ରାସ୍ତା ଅବସ୍ଥା ଶୋଚନୀୟ

ବଇଣ୍ଡା, ୨୯।୭ (ପରିକ୍ଷିତ ସାହୁ)

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ୪ ଲେନ ହେଉଛି। କିଶୋରନଗର ବ୍ଲକ ଜାମୁନାଳୀଠାରୁ ବାମୁର ପର୍ଯ୍ୟନ୍ତ ଦୀର୍ଘ ୫ ବର୍ଷ ହେବ କାମ ଚାଲିଥିଲେ ମଧ୍ୟ ସମାପ୍ତ ହେଇପାରୁନାହିଁ। ଅନେକ ସ୍ଥାନରେ ନିର୍ମାଣ ହୋଇଥିବା ଅସ୍ଥାୟୀ ରାସ୍ତା ଅତି ଶୋଚନୀୟ ହୋଇପଡିଛି। ଫଳରେ ଗମନାଗମନରେ ବ୍ୟାପକ ଅସୁବିଧା ସୃଷ୍ଟି ହେଉଛି। ଜାତୀୟ ରାଜପଥରେ ଅନେକ ସ୍ଥାନରେ ପାଣି ଜମି ରହୁଥିବା ଯୋଗୁ ସମସ୍ୟା ଦେଖାଦେଇଛି। ଜାମୁନାଳୀ, ବଇଣ୍ଡା, କଦଳୀମୁଣ୍ଡାଠାରେ ନିର୍ମାଣ ହୋଇଥିବା ଅସ୍ଥାୟୀ ରାସ୍ତା ପାଣି କାଦୁଅରେ ଭରିଯାଇଛି। ଏହି ରାସ୍ତା ଗୁଡ଼ିକୁ ପିଚୁ କରାଯାଇ ନ ଥିବାବେଳେ କେବଳ ମେଷ୍ଟାଲିଂ କରି ଛାଡ଼ି ଦିଆଯାଉଥିବାରୁ ଗର୍ତ୍ତ ସୃଷ୍ଟି ହୋଇଥିବା ଜଣାପଡିଛି। ଫଳରେ ଅନେକ ବାଇକ ଆରୋହୀ ଏହି ଗର୍ତ୍ତରେ ପଡି ଗୁରୁତର ହେଉଛନ୍ତି। ଏ ନେଇ ବଇଣ୍ଡା ଗ୍ରାମବାସୀ ବହୁବାର ଠିକାସଂସ୍ଥାକୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଅସ୍ଥାୟୀ ରାସ୍ତାକୁ ମରାମତି କରିବା ପାଇଁ ସାଧାରଣରେ ଦାବି ହୋଇଛି।



ଶୋଚନୀୟ ହୋଇପଡ଼ିଥିବା ଏକ ଅସ୍ଥାୟୀ ରାସ୍ତା।

# ଚାରା ରୋପଣ ସହ ଯତ୍ନ ଜରୁରୀ

ଆଠମଲ୍ଲିକ ୨୯।୭ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ସହରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବନ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ରୁଦ୍ର ମୋହନ ହୋତାଙ୍କ ନେତୃତ୍ୱରେ ଅନୁଷ୍ଠିତ ଚାରୋ ରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବନପାଳ ଶ୍ରୀନିବାସ ପ୍ରଧାନ ଯୋଗଦେଇ ଚାରା ରୋପଣ ଦ୍ୱାରା ହିଁ ପରିବେଶ ସନ୍ତୁଳନ ରଖାଯାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ସ୍କୁଲ ପରିସରରେ ଅଭିଭାବିକ ବହୁ ମୂଲ୍ୟବାନ ଚାରା ଲଗାଇଥିଲେ। ମାନବ ସମାଜର ସୁରକ୍ଷା ପାଇଁ ଚାରା ରୋପଣ ସହିତ ତାର ଯତ୍ନ ଜରୁରୀ ହୋଇପଡିଛି ବୋଲି ପ୍ରଧାନ ଆଚାର୍ଯ୍ୟ ହୋତା ପ୍ରକାଶ କରିଥିଲେ। ଏହି ଅବସରରେ ସ୍କୁଲ ପରିସରରେ ଅଭିଭାବିକଙ୍କୁ ନେଇ ଏକ ବୈଠକ ବସିଥିଲା। ଉକ୍ତ ବୈଠକରେ ପରିଚାଳନା କମିଟି ଯୁଗ୍ମ ସମ୍ପାଦକ ମନ୍ମଥ ମେହେର, ଅଭିଭାବକ ସସ୍ମିତା ମହାକୁଡ଼ ଓ ଗୁରୁମା ସବିତା ମହାକୁଡ଼ ଉପସ୍ଥିତ ରହି ଶିକ୍ଷା ସମ୍ବନ୍ଧିତ ଉପଦେଶ ଦେଇଥିଲେ।



ଚାରା ରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅଭିଭାବକମାନେ।

# ବର୍ଷାରେ ଭାଙ୍ଗିଗଲା କାଉନସିଲରଙ୍କ କଚ୍ଛାଘର

## ନିର୍ବାହୀ ଅଧିକାରୀ ଦେଖାଇଲେ ବଦାନ୍ୟତା

ଅନୁଗୋଳ, ୨୯।୭ (ଅମିତ କୁମାର ସାମଲ)

ଅନୁଗୋଳ ପୌରପାଳିକାର ୧୭ନଂ. ୱାର୍ଡ କାଉନସିଲର ସଂଯୁକ୍ତା ନନ୍ଦଙ୍କ ଘର ବର୍ଷାରେ ଭାଙ୍ଗିଯାଇଛି। ତେବେ ଘର ଭାଙ୍ଗିଯିବା ପରେ ସେ ପରିବାର ସହ ଅନ୍ୟତ୍ର ଭଡ଼ା ନେଇ ରହୁଛନ୍ତି। ଏହା ଜାଣିବା ପରେ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ତାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ଏହି ଘଟଣା ସହରରେ ଚର୍ଚ୍ଚାର ବିଷୟ ହୋଇଛି।

ପ୍ରକାଶ ଯେ, କାଉନସିଲର ନନ୍ଦଙ୍କ ଆର୍ଥିକ ସ୍ଥିତି ଠିକ୍ ନ ଥିବାରୁ ସେ ଭଲ ଘର ଖଣ୍ଡେ କରିପାରି ନାହାନ୍ତି। ଏ ସମ୍ପର୍କରେ ସେ ପୂର୍ବରୁ ପୌର ପରିଷଦ ବୈଠକର ଦୃଷ୍ଟି ଆକର୍ଷଣ କରିଥିଲେ। ସରକାରୀ ସହଯୋଗ ମିଳିଲେ ଘର ଖଣ୍ଡେ କରି ମୁଣ୍ଡ ଗୁଞ୍ଜି ପାରିବେ ବୋଲି କହିଥିଲେ। ଏହାପରେ ତାଙ୍କୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା। କିନ୍ତୁ ଯୋଜନାରେ ଘର ମିଳିଥିଲେ ହେଁ ଅର୍ଥାଭାବରୁ ଘର କରିବାକୁ ସମର୍ଥ ହୋଇପାରି ନ ଥିଲେ। କେବଳ ଘର ପାଇଁ ଗାତ ଖୋଳି ଛାଡ଼ି ଦେଇଥିଲେ। ଏ ନେଇ ପୌରପାଳିକା ନିର୍ବାହୀ ଅଧିକାରୀ ଜାଣିବା ପରେ ତୁରନ୍ତ ଘଟଣାସ୍ଥଳକୁ ତାଙ୍କ ଟିମ୍ ନେଇ ଯାଇଥିଲେ। ପୌର ପରିଷଦର ଏକ ପ୍ରତିନିଧି ଦଳ ମଧ୍ୟ ତାଙ୍କ ସହ ଯାଇଥିଲେ। ସ୍ଥିତି ଅନୁଧ୍ୟାନ ପରେ ଘର ନିର୍ମାଣ ପାଇଁ ସେ ଅର୍ଥ ପ୍ରଦାନ କରିବେ ଓ ଆବାସ ଯୋଜନାରେ ଟଙ୍କା ମିଳିଲେ ତାଙ୍କୁ ଟଙ୍କା ଫେରାଇ ଦେବାକୁ ନିର୍ବାହୀ ଅଧିକାରୀ କହିଥିଲେ। ନିର୍ବାହୀ ଅଧିକାରୀଙ୍କ ଏହି ବଦାନ୍ୟତା ପରେ କାଉନସିଲରଙ୍କ ମୁହଁରେ ଆନନ୍ଦର ଲହରି ଖେଳି ଯାଇଥିଲା। ନିର୍ବାହୀ ଅଧିକାରୀଙ୍କ ସହ ପୌରପାଳିକା କନିଷ୍ଠ ଯନ୍ତ୍ରୀ ଘନଶ୍ୟାମ ତ୍ରିପାଠୀ ଓ ବିଜେଡି, ଭାଜପାର କେତେଜଣ କାଉନସିଲର ଉପସ୍ଥିତ ଥିଲେ।



କାଉନସିଲରଙ୍କ ଘର ନିର୍ମାଣ ସ୍ଥଳ ପରିଦର୍ଶନ କରୁଛନ୍ତି ପୌର ନିର୍ବାହୀ ଅଧିକାରୀ।

### ହୁଡ଼ା ଦେବାକୁ କେନ୍ଦ୍ରକରି ଗଣ୍ଡଗୋଳ

ଛେଣ୍ଡିପଦା, ୨୯।୭ (ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ଜରପଡା ଥାନା ଓଗୀ ମାଳିସାହିରେ ଜମିରେ ହୁଡ଼ା ଦେବାକୁ କେନ୍ଦ୍ରକରି ୨ ପଡୋଶୀଙ୍କ ମଧ୍ୟରେ ମାଡପିଟ ହୋଇଛି। ଏ ନେଇ ଶନିବାର ଜରପଡା ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ମାଳିସାହିର ଗଜେନ୍ଦ୍ର ମହାପାତ୍ର ପୂର୍ବାହ୍ନ ୧୧ଟାରେ ତାଙ୍କ ଜାଗାରେ ହୁଡା ପକାଉଥିଲେ। ସେହି ସମୟରେ ଉକ୍ତ ସାହିର ଶରତ ମହାପାତ୍ର ଓ ତାଙ୍କ ପୁଅ ସାଗର ମହାପାତ୍ର ଗଜେନ୍ଦ୍ରଙ୍କୁ ଗାଳିଗୁଲଜ ସହ ଟାଙ୍ଗିଆ ଓ କରୁରି ଧରି ଆକ୍ରମଣ କରିଥିଲେ। ଗଜେନ୍ଦ୍ରଙ୍କ ମା' ଘଟଣାସ୍ଥଳକୁ ଆସିବା ପରେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଗଜେନ୍ଦ୍ର ଏ ନେଇ ଜରପଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ନଂ ୨୩୭/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରାଯାଉଛି।

### ମାଛ ଜାଲରେ ଲାଗି ଘଡ଼ିଆଳ ମୃତ

ଅନୁଗୋଳ, ୨୯।୭ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ସାତକୋଶିଆ ଗଣ୍ଡରେ ଏକ ଘଡ଼ିଆଳ କୁମ୍ଭୀରର ମୃତ୍ୟୁ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ମହିପଡା ନାଳରେ କୁମ୍ଭୀରର ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଏହା ଦେଖି ବନ ବିଭାଗକୁ ଖବର ଦେବା ପରେ ବନ ବିଭାଗ ଶନିବାର ନାଳରୁ କୁମ୍ଭୀର ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ୪ ଦିନ ତଳୁ କୁମ୍ଭୀରର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଥିବା ବିଭାଗ ପକ୍ଷରୁ କୁହାଯାଇଛି। ଉପର ମୁଣ୍ଡରେ ମାଛ ଜାଲ ଲାଗି ଘଡ଼ିଆଳର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି ବୋଲି ସାତକୋଶିଆ ଡିଏଫଓ ସରୋଜ ପଣ୍ଡା କହିଛନ୍ତି।

# ଭୋଟର ତାଲିକା ସଂଶୋଧନ ସମୀକ୍ଷା



ଉପଜିଲାପାଳ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

କାମାକ୍ଷାନଗର, ୨୯।୭ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ଶନିବାର ବିଭିନ୍ନ ଗ୍ରାମ ପରିଦର୍ଶନ କରି ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଉପଜିଲାପାଳ କାଦୁଆ ପଞ୍ଚାୟତ ଭାଗୀରଥିପୁର ଗ୍ରାମର ୫ନଂ. ବୁଥ ଏବଂ କଙ୍କଡାହାଡ଼ ପଞ୍ଚାୟତ ସଦରର ୫୫ନଂ. ବୁଥ୍‌ରେ ଚାଲିଥିବା ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଅନୁଧ୍ୟାନ କରିଥିଲେ। ଅଙ୍ଗନୱାଡି କର୍ମୀମାନେ ଘର ଘର ବୁଲି ଭୋଟର ତାଲିକା ସଂଶୋଧନ କାର୍ଯ୍ୟ କରୁଛନ୍ତି। ମାନଦଣ୍ଡ ପୂରଣ କରୁଥିବା ବ୍ୟକ୍ତିଙ୍କ ନାମ ଯୋଡ଼ାଯାଉଛି। ସେହିପରି ମୃତକଙ୍କ ନାମ ବାଦ୍ ଦିଆଯାଉଛି। ଏସବୁ କାର୍ଯ୍ୟ କିପରି ଚାଲିଛି, ତାହା ଉପଜିଲାପାଳ ପରଖିଥିଲେ।

### ସ୍ତ୍ରୀଙ୍କୁ ମାଡ଼ ମାରି ସ୍ୱାମୀ ଗିରଫ

ଅନୁଗୋଳ, ୨୯।୭ (ଅମିତ କୁମାର ସାମଲ)

ଅନୁଗୋଳ ସଦର ଥାନା ଶାକସିଂହା ଅଞ୍ଚଳରେ ମଦ୍ୟପାନ କରି ସ୍ୱାମୀ ମାଡ଼ ମାରିବାରୁ ସ୍ତ୍ରୀ ଗୁରୁତର ହୋଇଛନ୍ତି। ଏ ନେଇ ସ୍ତ୍ରୀ ରୂପା ନାଏକ ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୪୦୩/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ପରେ ସ୍ୱାମୀ ବିଜୟ ନାଏକ(୩୫)ଙ୍କୁ ଗିରଫ କରିଛି। ପୋଲିସ କହିଛି, ଗତ ୧୮ ତାରିଖରେ ବିଜୟ ଅତ୍ୟଧିକ ମଦ୍ୟପାନ କରି ଆସି ସ୍ତ୍ରୀ ରୂପାଙ୍କୁ ଟଙ୍କା ମାଗିଥିଲେ। ରୂପା ଟଙ୍କା ନାହିଁ ବୋଲି କହିବାରୁ ଏଥିରେ ଉତ୍‌କ୍ଷିପ୍ତ ହୋଇ ବିଜୟ ତାଙ୍କୁ ଗୋଇଠା ବିଧା ମାରିଥିଲେ। ସେ ତଳେ ପଡ଼ିଯିବାରୁ ଏକ ଧାରୁଆ ଅସ୍ତ୍ର ଆଣି ତାଙ୍କୁ ଆକ୍ରମଣ କରିଥିଲେ। ପରେ ଶ୍ୱଶୁର ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଆଣିଥିଲେ। ଏହି ଘଟଣାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ବିଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଟଟକା ଖାଦ୍ୟ ଦେବ ହେପାଟାଇଟିସ୍‌ରୁ ସୁରକ୍ଷା

ଅନୁଗୋଳ, ୨୯।୭ (ଅମିତ ସାମଲ)

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ ବିଶ୍ୱ ହେପାଟାଇଟିସ୍ ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ସିକୃତୀ ପ୍ରାପ୍ତ ବ୍ଲଡ୍ ବ୍ୟାଙ୍କରୁ ରକ୍ତ ଓ ରକ୍ତଜାତ ଦ୍ରବ୍ୟ ଗ୍ରହଣ କରିବା, ଅସୁରକ୍ଷିତ ଯୌନ ସମ୍ପର୍କରୁ ଦୂରେଇ ରହିବା, ଟଟକା ଖାଦ୍ୟ ଖାଇବା, ବିଶୁଦ୍ଧ ପାନୀୟ ଜଳ ପିଇବା ଦ୍ୱାରା ହେପାଟାଇଟିସ୍ ରୋଗଠାରୁ ସୁରକ୍ଷିତ ରହିପାରିବା ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନଞ୍ଜୟ ବେହେରା, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଦିଲୀପ କୁମାର ପଟ୍ଟନାୟକ ଯୋଗଦେଇ ଜନ୍ମର ୨୪ ଘଣ୍ଟା ମଧ୍ୟରେ ଶିଶୁଙ୍କୁ ହେପାଟାଇଟିସ୍ ପ୍ରତିଷେଧକ ଟିକା ଦେବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଡା. ପୂର୍ଣ୍ଣିମା ଉଦ୍‌ଗାତା, ଡା.ବିନୋଦ ସାହୁ, ଡା. ସୁସ୍ମିଶାନ୍ତା ତ୍ରିପାଠୀ ଉପସ୍ଥିତ ଥିଲେ। ଆଶା କର୍ମୀ, ନର୍ସିଂ ଛାତ୍ରୀ, ପାରାମେଡିକାଲ ଷ୍ଟାଫ, ଦ୍ ମେଡିକ୍ସର କର୍ମକର୍ତ୍ତା ଯୋଗ ଦେଇଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ଭରତ କୁମାର ସାହୁ ସଂଯୋଜନା କରିଥିଲେ।



ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ କରାଯାଉଛି।

# ଶିକ୍ଷାବିତ୍ ମାୟାଧର ସାହୁଙ୍କ ସ୍ମୃତିଚାରଣ

ଢେଙ୍କାନାଳ, ୨୯।୭ (ରତନ ନାୟାର)

ଗଁଦିଆ ବ୍ଲକ ବିଧାରପୁରସ୍ଥିତ ମାୟାଧର ସ୍ମୃତି ସ୍ନାତକ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଗଁଦିଆ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ମାୟାଧର ସାହୁଙ୍କ ସ୍ମୃତିଚାରଣ କରାଯାଇଥିଲା। ଅନୁଷ୍ଠାନର ସଭାପତି ହରିହର ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ଡ. ସମୀର ସାହୁ, ଗଁଦିଆ ଥିଙ୍କର୍ସ ଫୋରମ ସଭାପତି ସୁବ୍ରତ ସାହୁ, ଆଞ୍ଚଳିକ ସେବା ସଙ୍ଗଠନ ଉପସଭାପତି ତାପସ ରାଉତ, ସାମାଜିକ କର୍ମୀ ଗୋପାଳ ଚନ୍ଦ୍ର ରାଉତ ମଞ୍ଚାସୀନ ରହି ଶିକ୍ଷାନୁଷ୍ଠାନର ସାମୂହିକ ପ୍ରଗତି ଲାଗି ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥିଲେ। ଆଞ୍ଚଳିକ ସେବା ସଙ୍ଗଠନ ସଭାପତି ବିଦ୍ୟାଧର ସାହୁ, ଅଧ୍ୟାପକ ବିକାଶ ଚନ୍ଦ୍ର ମିଶ୍ର, ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ସାହୁ, ଗୋପାଳ ଚନ୍ଦ୍ର ସାହୁ, ମଙ୍ଗୁଳି ଚରଣ ବିଶ୍ୱାଳ, ଉମେଶ ଚନ୍ଦ୍ର ଧୀର, ପ୍ରଦୀପ ସାହୁ ଉଦ୍‌ବୋଧନ ଦେଇଥିଲେ।

ଏହି ଅବସରରେ ଗଁଦିଆ ସ୍ମୃତି ସଂସଦର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ପୁନର୍ବାର ହରିହର ସାହୁ, କାର୍ଯ୍ୟକାରୀ ସଭାପତି ଭାବେ ଗୋପାଳ ଚନ୍ଦ୍ର ରାଉତ, ଉମ୍ବରୁଧର ସେଠୀ, ଗୋପାଳ ଚରଣ ସାହୁ ମନୋନୀତ ହୋଇଛନ୍ତି। ସେହିପରି ସମ୍ପାଦକ ତାପସ ରାଉତ, ସଂଯୋଜକ ଗୌରହରି ଭୋଇ ଚୟନ ହୋଇଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ଡ. ସମୀର ସାହୁ, ଦଣ୍ଡଧର ସାହୁ, ସୁବ୍ରତ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ମଙ୍ଗୁଳି ଚରଣ ବିଶ୍ୱାଳ ସ୍ଥାନ ପାଇଛନ୍ତି। ନିୟମାବଳୀ ପ୍ରସ୍ତୁତି ନିମନ୍ତେ ସଭାପତି ସାହୁ ଏବଂ ଉପଦେଷ୍ଟା ଦଣ୍ଡଧର ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି।



ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ରାଜ୍ୟସ୍ତରୀୟ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା

ଅନୁଗୋଳ, ୨୯।୭ (ଅମିତ କୁମାର ସାମଲ)

କ୍ରିତିକା ଡ୍ୟାନସ୍ ଗ୍ୟାଲେରୀ ପକ୍ଷରୁ ରାଜ୍ୟସ୍ତରୀୟ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ନୃତ୍ୟ ପ୍ରତିଯୋଗିତାର ସବ୍ ଜୁନିଅର ବିଭାଗରେ ଢେଙ୍କାନାଳର ଦିବ୍ୟଶିଖା ସାହୁ ପ୍ରଥମ ହୋଇଥିବାବେଳେ କେନ୍ଦୁଝରର ତନିଷ୍କା ସାମଲ ଦ୍ୱିତୀୟ ଓ ନାଲକୋନଗରର ଆହାନା ରଥ ତୃତୀୟ ହୋଇଥିଲେ। ଶ୍ରେୟଂଶୀ ମହାରଣା, ଆହାନା ରାଜଙ୍କୁ ସ୍ୱତନ୍ତ୍ର ଜୁରି ପୁରସ୍କାର ମିଳିଥିଲା। ଜୁନିଅର ବିଭାଗରେ କରଞ୍ଜିଆର ସାଇସିଦ୍ଧ ମହନ୍ତ ପ୍ରଥମ ହୋଇଥିବାବେଳେ ଚିତ୍ରାଙ୍କ୍ଷି ସାହୁ ଦ୍ୱିତୀୟ ଓ ଢେଙ୍କାନାଳର ଅର୍ପିତା ପ୍ରିୟଦର୍ଶିନୀ ତୃତୀୟ ହୋଇଥିଲେ। ପି. କ୍ରିତିକା, ରିଧିମା ବାରିକ, ପ୍ରିୟମ୍ବଦା ହୋତାଙ୍କୁ ସ୍ୱତନ୍ତ୍ର ଜୁରି ପୁରସ୍କାର ମିଳିଥିଲା। ସିନିଅର ବିଭାଗରେ କରଞ୍ଜିଆର ମୋନିସା ସାହୁଙ୍କୁ ସ୍ୱତନ୍ତ୍ର ପୁରସ୍କାର ମିଳିଥିବା ବେଳେ ତାଳଚେରର ଦିବ୍ୟାଙ୍ଗ ଦ୍ରିଷ୍ଟି ଦିବ୍ୟାନି ଦେହୁରୀଙ୍କୁ ସ୍ୱତନ୍ତ୍ର ଜୁରି ପୁରସ୍କାର ପ୍ରଦାନ କରାଯାଇଥିଲା। ଗୁରୁ ମିନାକ୍ଷୀ ବେହେରା, ଗଜେନ୍ଦ୍ର ପଣ୍ଡା, ସ୍ୱର୍ଣ୍ଣପ୍ରଭା ସେନାପତି ଓ ମୁଖ୍ୟ ସଂଯୋଜକ ମନୋଜ କୁମାର ବେହେରା ବିଚାରକ ଭାବେ ଯୋଗଦେବା ସହ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କେଡିଜି ପକ୍ଷରୁ ଗୁରୁ ସୁରେଶ କୁମାର ଖୁଣ୍ଟିଆ, ସମ୍ପାଦକ ନରୋତ୍ତମ ମହାନ୍ତି, ରୋଜିରାଣି ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପ୍ରତିଯୋଗିତାରେ ଅତିଥିଙ୍କ ସହ ପୁରସ୍କୃତ କୃତୀ ପ୍ରତିଯୋଗୀମାନେ।

